ISSN -2583-147X(P), **Vol.- 9, Issue No.II, May 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# 'ଆଗ୍ନେୟଗିରିରେ ବଣଭୋଜି' ଉପନ୍ୟାସରେ ଭ୍ରମଣ ପ୍ରସଙ୍ଗ

**ପବିତ୍ର ଦାସ**

ମାନବ ଜୀବନର ସମଗ୍ର ଜୀବନବୋଧର ବାସ୍ତବ ଓ କଳାତ୍ମକ ରୂପାୟନ ହେଉଛି ଉପନ୍ୟାସ । ଲେଖକୀୟ ଅଭିବ୍ୟକ୍ତି ପ୍ରକାଶର ଏହା ଏକ ବୃହତ୍ତମ କାନଭାସ୍ । କଳେବରଗତ ବିସ୍ତୃତି ଦୃଷ୍ଟିରୁ ଉଭୟ ଭାବ ଓ ଶୈଳୀରେ ବହୁ ପରୀକ୍ଷାନିରୀକ୍ଷା ଘଟିଛି ସାହିତ୍ୟର ଏହି ବୃହତ୍ତମ ବିଭାଗଟିରେ । ସେଥିମଧ୍ୟରୁ ଭ୍ରମଣ ଉପନ୍ୟାସ ଅନ୍ୟତମ । 'ଭ୍ରମଣ ଉପନ୍ୟାସ' କହିଲେ ସାଧାରଣତଃ ଭ୍ରମଣ ପ୍ରସଙ୍ଗ ଆଧାରିତ ଉପନ୍ୟାସକୁ ବୁଝାଇଥାଏ । ଅର୍ଥାତ୍ ଭ୍ରମଣକାରୀର ଭ୍ରମଣଜନିତ କୌତୂହଳକୁ ମାଧ୍ୟମ କରି ଭିନ୍ନ ଦେଶର, ଭିନ୍ନ ପରିବେଶର, ଭିନ୍ନ ପରଂପରା, ବେଶ ପୋଷାକ ଆଦିର ବର୍ଣ୍ଣନା ଚାଲିଥାଏ ତତ୍‌ସହିତ ଆନ୍ତଃ ପ୍ରବାହରେ ଉପନ୍ୟାସର କଥାବସ୍ତୁଟି ନିଜସ୍ୱ ଢଙ୍ଗରେ ବାହ୍ୟ ଦ୍ୱନ୍ଦ୍ୱ, ଆନ୍ତଃଦ୍ୱନ୍ଦ୍ୱ, ଉତ୍କଣ୍ଠା, ସଂଘାତ ଆଦିରେ କ୍ରମଃ ପରିଣତାଭିମୁଖୀ ହେଉଥାଏ । ଏହି ଧରଣର ଉପନ୍ୟାସରେ କାହାଣୀର ଗୁରୁତ୍ୱ ସହିତ ସ୍ଥାନ ବା ପରିବେଶର ଗୁରୁତ୍ୱ ମଧ୍ୟ ପରିଲକ୍ଷିତ ହୋଇଥାଏ । ତେଣୁ ପ୍ରତ୍ୟେକ ଭ୍ରମଣ ଉପନ୍ୟାସର କଥାବସ୍ତୁ ଭିନ୍ନଭିନ୍ନ ହେଲେହେଁ ଜଣେ ଭ୍ରମଣକାରୀର ଭ୍ରମଣ ବୃତ୍ତାନ୍ତ ପ୍ରତ୍ୟେକ କଥାବସ୍ତୁରେ ଆନ୍ତଃସାମ୍ୟ ତିଆରି କରେ । ଏହି ଭ୍ରମଣ ବୃତ୍ତାନ୍ତଜନିତ ଆନ୍ତଃସାମ୍ୟ ହିଁ ଅନ୍ୟ ଉପନ୍ୟାସର କଥା ସଂରଚନାଠାରୁ ଭ୍ରମଣ ଉପନ୍ୟାସର କଥା ସଂରଚନାକୁ ସ୍ୱତନ୍ତ୍ର କରିଥାଏ । ସେହି ଧରଣର ଏକ ଭ୍ରମଣ ଉପନ୍ୟାସ ହେଉଛି ବିଭୂତି ପଟ୍ଟନାୟକଙ୍କ 'ଆଗ୍ନେୟଗିରିରେ ବଣଭୋଜି' (୧୯୮୦) ।

ମାୟାବିନୀ 'ଗୋଆ'ର ଯାଦୁକରୀ ପ୍ରାକୃତିକ ସୌନ୍ଦର୍ଯ୍ୟର ପୃଷ୍ଠଭୂମିରେ ଏହି ଭ୍ରମଣ ଉପନ୍ୟାସଟି ରଚିତ । ଐଶ୍ୱର୍ଯ୍ୟର ଅଳକାପୁରୀ ଛାଡ଼ି ମୋକ୍ଷର ଅନ୍ୱେଷଣରେ ଇଣ୍ଡିଆ ଆସିଥିବା ଜଣେ ମାର୍କିନ୍ ତରୁଣୀ ଓ ଜଣେ ଭାରତୀୟ ପର୍ଯ୍ୟଟକର କାହାଣୀକୁ ନେଇ କଥାବସ୍ତୁଟି ଗତିଶୀଳ ।

ବମ୍ବେରୁ ଗୋଆ ଯାଉଥିବା ବସ୍‌ରେ ଔପନ୍ୟାସିକଙ୍କ ସହିତ ଯୋଡ଼ି ହୋଇଛନ୍ତି ବନ୍ଧୁ ପ୍ରଶାନ୍ତର ଭଉଣୀ ଲିପିକା ଆଉ ତାଙ୍କର ଛୋଟ ପୁଅ ଲର୍ଡ଼ ଏବଂ ଜଣେ ଶ୍ୱେତାଙ୍ଗିନୀ ହିପ୍‌ପିଣୀ । ହିପ୍‌ପିଣୀର ଘର ଲସ୍ ଏଞ୍ଜେଲସ୍‌ରେ । ସେଇ ହିପ୍‌ପିଣୀ ଜଣକ ଔପନ୍ୟାସିକଙ୍କଠାରୁ ମାଗିଥିବା ଚାଳିଶ ଟଙ୍କାରୁ ହିଁ ଆରମ୍ଭ ହୋଇଛି ଉପନ୍ୟାସ କାହାଣୀ । ପରବର୍ତ୍ତୀ ସମୟରେ ସେଇ ଚାଳିଶ ଟଙ୍କା ହିଁ ଲେଖକ ଓ ବିଦେଶିନୀ ହିପ୍‌ପିଣୀ ମଧ୍ୟରେ ସମ୍ପର୍କର ଯୋଗସୂତ୍ର ସ୍ଥାପନ କରିଛି । ସମ୍ପର୍କ ହୋଇଛି ଘନିଷ୍ଠ । ଉପନ୍ୟାସର ମୁଖ୍ୟ ଚରିତ୍ର ଜଣେ ହିପ୍‌ପିଣୀ ହୋଇଥିବା ଯୋଗୁଁ ହିପ୍‌ପି ସଂସ୍କୃତି କ'ଣ ସେ ସମ୍ପର୍କରେ ଅବଧାରଣା ରହିବା ନିତାନ୍ତ ଜରୁରୀ ।

ଇଉରୋପ, ଆମେରିକାରେ ସମାଜର ନିୟମ, ଶୃଙ୍ଖଳା ମାନୁ ନଥିବା ସମାଜ ବିଦ୍ରୋହୀ ଓ ବିଦ୍ରୋହିଣୀମାନଙ୍କୁ ହିପ୍‌ପି ଆଉ ହିପ୍‌ପିଣୀ ବୋଲି କୁହନ୍ତି । ଷାଠିଏ ଦଶକରେ ଯୁକ୍ତରାଷ୍ଟ୍ରରେ ଏକ ଯୁବ ଆନ୍ଦୋଳନ ଭାବରେ ହିପି ଉପ-ସଂସ୍କୃତି ଏହାର ବିକାଶ ଆରମ୍ଭ କରିଥିଲା ଏବଂ ପରେ ସାରା ବିଶ୍ୱରେ ବିକଶିତ ହୋଇଥିଲା । ଏହାର ଉତ୍ପତ୍ତି ୟୁରୋପୀୟ ସାମାଜିକ ଗତିବିଧିରେ ଉନବିଂଶ ଏବଂ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଯେପରିକି ବୋହିମିଆନ୍, ପୂର୍ବ ଧର୍ମ ଏବଂ ଆଧ୍ୟାତ୍ମିକତାର ପ୍ରଭାବ ସହିତ ଚିହ୍ନିତ ହୋଇପାରେ ।

ଏହା ସିଧାସଳଖ ବିଟ୍ ଜେନେରେସନ୍ ଏବଂ ଭିଏତ୍‌ନାମ ଯୁଦ୍ଧରେ ଆମେରିକାର ଯୋଗଦାନ ଦ୍ୱାରା ପ୍ରଭାବିତ ଏବଂ ଅନୁପ୍ରାଣିତ । ପ୍ରାୟ ୧୯୬୭ରୁ ଏହାର ମୌଳିକତା - ପ୍ରକୃତି ସହିତ ସମନ୍ୱୟ, ସାମ୍ପ୍ରଦାୟିକ ଜୀବନଯାପନ, ବିଶେଷ ଭାବରେ ସଂଗୀତରେ କଳା, ପରୀକ୍ଷଣ, ଯୌନ ପରୀକ୍ଷଣ ଏବଂ ମନୋରଞ୍ଜନକାରୀ ଡ୍ରଗ୍‌ସ୍‌ର ବ୍ୟାପକ ବ୍ୟବହାର - ୧୯୬୦ ଦଶକର ପ୍ରତିବାଦ ସମୟରେ ସାରା ବିଶ୍ୱରେ ବ୍ୟାପିଗଲା, ଯାହା ସହିତ ଘନିଷ୍ଟ ହୋଇ ରହିଲା ଉପ-ସଂସ୍କୃତି । ହିପ୍‌ପି ଅହିଂସା ଏବଂ ପ୍ରେମକୁ ପ୍ରୋତ୍ସାହିତ କରିଥିଲେ । ତାଙ୍କର ଏକ ଲୋକପ୍ରିୟ ବାକ୍ୟ ହେଉଛି "ପ୍ରେମ କର, ଯୁଦ୍ଧ ନୁହେଁ " । ସେଇ ହିପ୍‌ପିଣୀର ଧାରଣା ଐଶ୍ୱର୍ଯ୍ୟର ମାୟା ତ୍ୟାଗ କରି ଜୀବନରେ ପ୍ରକୃତ ସୁଖର ଅନ୍ୱେଷଣରେ ଦିନେ ଗୌତମ ବୁଦ୍ଧ ରାଜପ୍ରସାଦ ଛାଡି ଚାଲିଯାଇଥିଲେ । ପୃଥିବୀର ସେ ହେଉଛନ୍ତି ପ୍ରଥମ ହିପ୍‌ପି । ଯିଶୁ, ଶ୍ରୀକୃଷ୍ଣ ମଧ୍ୟ ଜଣେ ଜଣେ ହିପ୍‌ପି । ସେଥିପାଇଁ ସେଇ ବିଦେଶିନୀ ଚାଲିଆସିଛି ଏ ଭାରତବର୍ଷକୁ ।

ପ୍ରାଚ୍ୟ ଭୂଖଣ୍ଡର ସାମ୍ରାଜ୍ଞୀ ଗୋଆ । ଦିନେ ଯେଉଁ ଅଞ୍ଚଳ ଥିଲା ଗୋଧନ ସମୃଦ୍ଧ ଗୋମନ୍ତକ; ଆଜି ତାହାରି ନାମ ଗୋଆ । ସେଇ ଗୋଆର ରାଜଧାନୀ ହେଉଛି ପାଞ୍ଜିମ୍ । ଗୋଆର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ ଲେଖକ ବର୍ଣ୍ଣନା କରିଛନ୍ତି, ଉତ୍ତରରେ ମହାରାଷ୍ଟ୍ର, ପୂର୍ବରେ କର୍ଣ୍ଣାଟକ ଆଉ ପଶ୍ଚିମ ଦିଗରେ ଆରବ ମହାସାଗର । ସହରର ବନ୍ଧ ଉପରେ ତିନୋଟି ସମାନ୍ତର ସରଳରେଖା ଭଳି ପୂର୍ବରୁ ପଶ୍ଚିମକୁ ଲମ୍ବିଯାଇଛି ଆରବ ସାଗରର ଜଳରେଖା । ପାହାଡ, ପର୍ବତ, ନଦନଦୀ ଆଉ ସମୁଦ୍ର- ବେଳାକୁ ନେଇ ଗଢ଼ି ଉଠିଛି ଏକଦା ଧୀବର ଅଧ୍ୟୁଷିତ ଅଞ୍ଚଳ ଆଧୁନିକ ଗୋଆ । ଏହାର ୧୦୦ କିଲୋମିଟର ଦୀର୍ଘ ବେଳାଭୂମି ତୀରେ ତୀରେ ଆମ୍ବ, ନଡିଆ, ତାଳ, ଡାଳଚିନି, କାଜୁବାଦାମ୍, ଆଉ ଅନାରସର ଧାଡ଼ି ଧାଡ଼ି ଗଛ । ପ୍ରାଚୀନ ଗିର୍ଜା, ମନ୍ଦିର-ମାଳିନୀ ଏଇ ଛୋଟ ରାଜ୍ୟ ପ୍ରକୃତିର ଅକୃତିମ ସ୍ନେହରେ ଲାବଣ୍ୟମୟୀ । ଗୋଆର ଇତିହାସ ସମ୍ପର୍କରେ ଔପନ୍ୟାସିକ ଖୁବ୍ ସୁନ୍ଦର ଭାବରେ ଆଲୋଚନା କରିଛନ୍ତି, ଗୋଆର ସୌନ୍ଦର୍ଯ୍ୟର ଲୋଭରେ ହିନ୍ଦୁ କଦମ୍ବବଂଶୀୟ ରାଜାଙ୍କଠାରୁ ଆରମ୍ଭ କରି ବାହମନି ସୁଲତାନ, ପୁଣି ଇଂରେଜ, ଡଚ୍, ଆଉ ପର୍ତ୍ତୁଗୀଜ୍ ବଣିକ ଝାମ୍ପ ଦେଇଛନ୍ତି ଗୋଆର ବୁକୁ ଉପରେ । ଶାସନ କରିଛନ୍ତି ଗୋଆବାସୀ ସରଳ ଜନସାଧାରଣଙ୍କୁ, ଶୋଷଣ କରିଛନ୍ତି ତା'ର ପ୍ରାକୃତିକ ସମ୍ପଦକୁ, ଦୀର୍ଘ ଚାରିଶହ ଏକାବନ ବର୍ଷ ବୈଦେଶିକ ଶାସନ ପରେ ୧୯୬୧ ମସିହା ଡିସେମ୍ବର ୧୯ ତାରିଖରେ ପର୍ତ୍ତୁଗୀଜ୍ ଶାସନାଧୀନ ଗୋଆ ସ୍ୱାଧୀନ ଭାରତ ସହିତ ମିଳିତ ହୋଇଛି । ଏଇ ସ୍ୱାଧୀନତା ଆଣିବା ପାଇଁ ପର୍ତ୍ତୁଗୀଜ୍ ସରକାରଙ୍କଠାରୁ ଭାରତୀୟମାନଙ୍କୁ ଲାଠି ମାଡ, ବନ୍ଧୁକର ଗୁଳିରେ ଆହତ ହେବାକୁ ପଡ଼ିଥିଲା । ଯେଉଁଥିରେ ଉପନ୍ୟାସର ନାୟକ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ପର୍ତ୍ତୁଗୀଜ୍‌ମାନେ ଆରବ ବ୍ୟବସାୟୀମାନଙ୍କୁ ହଟାଇ ଭାରତବର୍ଷରେ ବ୍ୟବସାୟ କରିବାକୁ ଆସିଥିଲେ । ପରେ ଗୋଆର ମୁସଲମାନ ବାଦଶାହାଙ୍କୁ ହରାଇ ରାଜତ୍ୱ ଆରମ୍ଭ କଲେ । ଓଲ୍ଡ୍ ଗୋଆରେ ଥିବା ମନ୍ଦିର, ମସଜିଦ୍ ଭାଙ୍ଗି ଗଢ଼ି ଉଠିଲା ନୂତନ ଗୀର୍ଜା, କାଥେଡ୍ରାଲ୍, ଚାପେଲ୍ । ଛ ହଜାର ମୁସଲମାନମାନଙ୍କୁ ମସ୍‌ଜିଦ୍ ଭିତରେ ବନ୍ଦ ରଖି ନିଆଁ ଲଗେଇଦେଲେ । ପରେ ପରେ ସେଠାରେ ପ୍ଲେଗ୍ ମହାମାରୀ ବ୍ୟାପିବା ଯୋଗୁଁ ପର୍ତ୍ତୁଗୀଜ୍ ସରକାର ପ୍ରାଚୀନ ଗୋଆରୁ ଆଧୁନିକ ପାଞ୍ଜିମ୍ ସହରକୁ ଗୋଆର ରାଜଧାନୀ ଉଠାଇ ଆଣିଥିଲେ ।

ଫେନି ଗୋଆର ନିଜସ୍ୱ ମଦ- ଗୋଆର କଥିତ କୋଙ୍କଣୀ ଭାଷାରେ ଫେନି ବା ଫେଣ ଶବ୍ଦରୁ ଫେନି ଶବ୍ଦର ଉତ୍ପତ୍ତି । ଏଇ ଫେନାୟିତ ମଦ୍ୟ ପ୍ରତି ଆସକ୍ତି ପ୍ରତି ଗୋଆ ଅଧିବାସୀର ରକ୍ତରେ ମିଶି ରହିଛି । ଗୋଆନିଜ୍‌ମାନଙ୍କର L.S.D, Heroin ଭଳି ମାରାତ୍ମକ ନିଶା ଇଂଜେକ୍‌ସନ୍ ବ୍ୟବହାର କରୁଥିବାର ପ୍ରସଙ୍ଗ ସ୍ଥାନିତ । ଏଇ ମାରାତ୍ମକ ନିଶା ସେବନ ପାଇଁ ପରିବାର ମଧ୍ୟରେ ଝଗଡା ହୋଇ କିପରି ସଂପର୍କରେ ତିକ୍ତତା ସୃଷ୍ଟି ହୁଏ ତାହାର ଚିତ୍ର ମଧ୍ୟ ଲିପିକା ଓ ଡାକ୍ତର ଚୌଧୁରୀଙ୍କ ମଧ୍ୟରେ ଦେଖିବାକୁ ମିଳେ । ରାଜନୀତିର ଝଲକ୍ ମଧ୍ୟ ଦେଖିବାକୁ ମିଳେ । ସରକାରଙ୍କ ପର୍ଯ୍ୟଟନ ବିଭାଗ ଯେଉଁ ଦର୍ଶନୀୟ ସ୍ଥାନର ବିବରଣୀ ବହି, ପ୍ରଚାର ପତ୍ର ଛାପୁଛନ୍ତି ସେଥିରେ ଗ୍ରାମାଞ୍ଚଳରେ ଥିବା ଅନେକ ଦର୍ଶନୀୟ ସ୍ଥାନର ନାମ ନାହିଁ । ଏହାର କାରଣ ବିଭିନ୍ନ ଟ୍ରାଭେଲ୍ ଏଜେନ୍ସିମାନଙ୍କର କାରସାଦି । ଗ୍ରାମାଞ୍ଚଳକୁ ବସ୍, ମୋଟର କାର୍ ଯିବାର ସୁବିଧା ନଥିବାରୁ ଏଜେନ୍ସିମାନେ ସରକାରଙ୍କୁ ମୋଟା ଟଙ୍କା ଦେଇ ଗ୍ରାମାଞ୍ଚଳରେ ଥିବା ଦର୍ଶନୀୟ ସ୍ଥାନଗୁଡ଼ିକର ନାମ ରଖେଇ ନାହାଁନ୍ତି ।

କାଲାନ୍‌ଗୁଟେ ବିଚ୍ ହେଉଛି ବେଳାମାଳିନୀ ଗୋଆର ସବୁଠାରୁ ଲାବଣ୍ୟମୟୀ ବେଳାଭୂମି । କାଲାନ୍‌ଗୁଟେ ସମୁଦ୍ର ବେଳାର ଖୁବ୍ ଅଳ୍ପ ଦୂରରେ ଅଞ୍ଜନା । ଅଞ୍ଜନା ସମୁଦ୍ର କୂଳିଆ ଗ୍ରାମର ନାମ । ୟୁରୋପ୍, ଆମେରିକାର ସମାଜ-ବିଦ୍ରୋହୀ, କିଶୋର-କିଶୋରୀ, ତରୁଣ-ତରୁଣୀମାନଙ୍କ ଗ୍ରାମ୍ୟ ଉପନିବେଶ । ଏଠାରେ ହୋଟେଲ୍, ଟୁରିଷ୍ଟ କଟେଜ୍ ଅଳ୍ପ ଟଙ୍କାରେ ମିଳିଯାଏ । ହିପ୍‌ପି, ହିପ୍‌ପିଣୀମାନଙ୍କ ଆଗମନ ଯୋଗୁଁ ସମୁଦ୍ରକୁ ଜାଲ ନେଇ ମାଛ ଧରିବାକୁ ଯାଉଥିବା ଧୀବର, କ୍ଷେତକୁ ଯାଉଥିବା କୃଷକ ନିଜର କୌଳିକ ବ୍ୟବସାୟ ଛାଡ଼ିଦେଇ ଦୋକାନ ଖୋଲି ବସିଲେ । ଚୋରା ନିଶା ବଟିକା, ଫେ'ନି ମଦର କାରବାର ମଧ୍ୟ ଗଢି ଉଠିଲା । ଅଞ୍ଜନାର ଗ୍ରାମୀଣ ସଂସ୍କୃତିରେ ଅନୁପ୍ରବେଶ କଲା ସହରୀ ସଭ୍ୟତାର କୃତ୍ରିମତା, ଜଟିଳତା । ପରେ ବିଦେଶିନୀମାନଙ୍କ ନଗ୍ନତାକୁ ବିରୋଧ କରି ଗ୍ରାମର ଲୋକମାନେ ପ୍ରବେଶ ପଥରେ ଲଗେଇଲେ ନୂତନ ସାଇନ୍ ବୋର୍ଡ଼ । 'NUDISIM PROHIBITED' ନଗ୍ନତା ନିଷେଧ । ହିପ୍‌ପିମାନେ ଗୋଆକୁ ବହୁ ସଂଖ୍ୟାରେ ଆସିବା ପରେ ଗୋଆର ପର୍ତ୍ତୁଗୀଜ୍ ପ୍ରଭାବିତ ସଂସ୍କୃତିରେ ବେଶି ଅଦଳବଦଳ ହେଉ କି ନହେଉ ଅର୍ଥନୀତିରେ ପରିବର୍ତ୍ତନ ଦେଖାଦେଇଥିଲା ।

ବିଦେଶୀମାନଙ୍କର ଭାରତୀୟ ଆଧ୍ୟାତ୍ମିକତା ପ୍ରତି ଗଭୀର ସମ୍ମାନ ଦେଖିବାକୁ ମିଳିଛି । ୟୁରୋପ, ଆମେରିକାର ସମାଜ-ବିଦ୍ରୋହୀ ଓ ବିଦ୍ରୋହୀମାନେ ଭାରତ ଆସି ଭାରତୀୟ ସଂସ୍କୃତିକୁ ଆପଣେଇ ହରେକୃଷ୍ଣ ହରେରାମ ସଂକୀର୍ତ୍ତନରେ ମଜ୍ଜି ଯାଇଛନ୍ତି । ଗେରୁଆ ରଙ୍ଗର ଆଣ୍ଠୁଲୁଚା ଲୁଗା, ଛାତି ମୁଣ୍ଡରେ ତିଳକ ଚିତା, ରୁଦ୍ରାକ୍ଷମାଳ ସାଙ୍ଗକୁ ମୃଦଙ୍ଗ ବଜାରେ ତଲ୍ଲିନ ହୋଇଯାଇଛନ୍ତି । ଏ ଦୃଶ୍ୟ ଦେଖି ଔପନ୍ୟାସିକ ବିମୋହିତ ହୋଇଛନ୍ତି ଏବଂ ଦୁଃଖ ପ୍ରକାଶ କରି କୁହନ୍ତି- "ପାଶ୍ଚାତ୍ୟ ଶିକ୍ଷା ସଭ୍ୟତାର ବିସ୍ତାର ଫଳରେ ଭାରତୀୟମାନଙ୍କ ମନରୁ ଏହି ଧର୍ମଭାବନା କ୍ରମଶଃ ଲୋପ ପାଇ ଯିବାକୁ ବସିଥିବାବେଳେ ପାଶ୍ଚାତ୍ୟ ଦେଶର ଏହି ସମାଜ-ବିଦ୍ରୋହୀମାନେ ସେହି ଆଧ୍ୟାତ୍ମିକ ଚିନ୍ତାକୁ ଆଉଥରେ ଜୀବନ୍ୟାସ ଦେଉଛନ୍ତି ।"( ଆଗ୍ନେୟଗିରିରେ ବଣଭୋଜି, ପୃ- ୩୨୧) ଡ୍ରଗ୍‌ସ, ସେକ୍‌ସ୍, ଆଡ଼ଭେଞ୍ଚର୍ ଛାଡ଼ି ମୋକ୍ଷପ୍ରାପ୍ତିର ସନ୍ଧାନରେ ଆସିଥିବା ବିଦେଶିନୀ ଶେଷରେ ଦୈହିକ ସମ୍ଭୋଗ, କୃତ୍ରିମ ନିଶାର ଲୌକିକ ସ୍ତର ଅତିକ୍ରମ କରି ଏକ ଅଲୌକିକ ଜଗତରେ ପ୍ରବେଶ କରିଛି । ସେ ବୁଝିପାରିଛି ଯେ ଚିଲମର ନଳୀ ତା ପାଇଁ ସୁଖ ଓ ଶାନ୍ତିର ଉତ୍ସ ନୁହେଁ ବୋଲି । ବରଂ ଆଧ୍ୟାତ୍ମିକତାର ବାଟ ଦେଇଗଲେ ଜୀବନରେ ସୁଖ ଓ ଶାନ୍ତି ମିଳିପାରିବ ।

ଉପନ୍ୟାସର ନାୟକ ନିଜେ ଔପନ୍ୟାସିକ । ସେ ଜଣେ ଭ୍ରମଣ ବିଳାସୀ ମଣିଷ । ସେ କୁହନ୍ତି- "ମନ ମୋର ଯାଯାବର । କ୍ୟାଲେଣ୍ଡରରେ ଲମ୍ବା ଛୁଟିର ଚିହ୍ନ ଦେଖିବା ମାତ୍ରେ ମନ ଘର ଛାଡ଼ି ପରିବ୍ରାଜକ । ହାତଠାରି ଡାକେ କେଉଁ ଦୂର ପାହାଡ଼, ନୀଳ ସମୁଦ୍ର, ଡାକ ଦେଇଯାଏ କେଉଁ ଗହନ ଅରଣ୍ୟ, ଦୂର ଜନପଦ । ଦୃଷ୍ଟି ତୃଷାର୍ତ୍ତ ହୋଇଯାଏ, ହୃଦୟ ଅସ୍ଥିର । ମନ ଭିତରେ ଥିବା ଏଇ ଅସ୍ଥିର, ଉଦାସୀ, ଭ୍ରମଣ ବିଳାସୀ, ଭ୍ରମଣ ଯାଯାବର ମତେ ବାଟ କଢ଼ାଇ ନିଏ । କେବେ ଡାକେ ଡାଲ୍ ହ୍ରଦର ଚିତ୍ରିତ ଶିକାରୀ, ଆଉ କେବେ ବନାରସର ମଣି-କର୍ଣ୍ଣିକା ଘାଟ; ଚିତା ଯେଉଁଠି ଅନିର୍ବାଣ ଆଉ କେବେ ହାତ ଠାରି ଡାକେ କାଞ୍ଚନଜଙ୍ଘାର ବର୍ଣ୍ଣିଳ ସୂର୍ଯ୍ୟୋଦୟ; ଆଉ କେବେ କନ୍ୟାକୁମାରୀର ବିବେକାନନ୍ଦ ମେମୋରିଆଲ୍ ରକ୍ ।"( ଆଗ୍ନେୟଗିରିରେ ବଣଭୋଜି, ପୃ- ୨୩୭) ଉପନ୍ୟାସର ନାୟିକା ମାର୍କିନ୍ ତରୁଣୀ ମରଲିନ୍‌ଙ୍କ ଟ୍ରାଜିକ୍ ଡେଥ୍, ଭିଏତନାମ୍ ଯୁଦ୍ଧରେ ହରେଇଥିବା ସୈନିକ- ପ୍ରେମିକ, ହ୍ୱାଇଟ୍ ହାଉସ୍‌ର ଆତ ପ୍ରବଞ୍ଚନାମୂଳକ ରାଜନୀତି, ନିଉୟର୍କ ସହର ଟାଇମ୍ ସ୍କୋୟାର୍‌ର ସେକ୍ସ୍ ମାର୍କେଟ ତା'ର ଆତ୍ମବିଶ୍ୱାସର ମୂଳଚେରକୁ ଦୋହଲାଇ ଦେଇଛି ଏବଂ ଲସଏଞ୍ଜେଲସ୍‌ର ସଜ୍ଜିତ -ସଂସାର ଛାଡ଼ି ଜଣେ ହିପ୍‌ପିଣୀ ହେବା ପାଇଁ ବାଧ୍ୟ କରେଇଛି । ମାର୍କିନ୍ ହିପ୍‌ପିଣୀ ଜଣକ ବମ୍ବେରେ ଆର୍ଥିକ ସମ୍ବଳ ଅଭାବରୁ ଇଣ୍ଡିଆରେ ଦୁଃସ୍ଥ ହୋଇପଡ଼ିଥିବା ଆମେରିକାନ୍‌ମାନଙ୍କ ପାଇଁ ଖୋଲିଥିବା ସାଲଭେସନ୍ ଆର୍ମିର ଦ୍ୱାରସ୍ଥ ନ ହୋଇ, ଦୟା ଆଉ ଦାନ ନନେଇ ଇଣ୍ଡିଆରେ ନିଜର ଖର୍ଚ୍ଚ ଯୋଗାଡ଼ କରିବା ପାଇଁ କିଣ୍ଡାରଗାର୍ଟେନ୍ ସ୍କୁଲର ମାଷ୍ଟ୍ରାଣୀ ହୋଇଛି, ନିଶାଗ୍ରସ୍ତ ହୋଇ ରହୁଥିଲେ ମଧ୍ୟ ତା ପାଟିରୁ ସବୁବେଳେ ଶୁଭେ ମେକ୍ ଲଭ୍ ନୋ ଓ୍ୱାର୍ । ଲିପିକା (ମନସ୍ତତ୍ତ୍ୱ ବି.ଏ ଅନର୍ସ), ସେଇଠାରେ ହିଁ ଆରମ୍ଭ ହୋଇଛି ଏକଦା ଲେଖକଙ୍କ ସହିତ ପଢିଥିବା ଲିପିକାର ବିବାହ ପ୍ରସ୍ତାବ କଥା । ଲିପିକା କିପରି ମନେମନେ ଲେଖକଙ୍କୁ ପସନ୍ଦ କରୁଥିଲେ । ଆଉ ଲେଖକ ଲିପିକାର

ଭାଇ ପ୍ରଶାନ୍ତ ଆଗରେ ବିବାହ ପ୍ରସ୍ତାବକୁ ଅଗ୍ରାହ୍ୟ କରିବାରୁ ଲିପିକାର ମନ କେତେ ଦୁଃଖ ଥିଲା ସେକଥା କହିଛନ୍ତି ଲେଖକଙ୍କର ଆଗରେ । ଲିପିକା ଲେଖକଙ୍କର ପୁସ୍ତକର ଜଣେ ମନମୁଗ୍ଧକର ପାଠିକା । ଅନ୍ୟାନ୍ୟ ଚରିତ୍ରଗୁଡ଼ିକ ମଧ୍ୟରେ ଲିପିକାର ଭାଇ ପ୍ରଶାନ୍ତ(ବ୍ୟାଙ୍କ୍ ଚାକିରି), ପ୍ରଶାନ୍ତର ସ୍ତ୍ରୀ ମୀନା(ଗୃହିଣୀ), ଲିପିକାର ଚାରି ବର୍ଷର ପୁଅ ଲର୍ଡ । ଲିପିକାର ସ୍ୱାମୀ ଜଣେ ଆର୍ମି ଡାକ୍ତର, ଏବଂ ଫର୍ଣ୍ଣାଡିଜ୍ କ୍ଲିନିକ୍‌ର ଡାକ୍ତର ମଧ୍ୟ । ଆହତ ସୈନ୍ୟମାନଙ୍କର ସେବା କରିବା ସହିତ ହିପ୍‌ପି ଓ ହିପ୍‌ପିଣିମାନଙ୍କୁ ନିଶା ଇଞ୍ଜେକସନ୍ ଦେଇ ଟଙ୍କା ରୋଜଗାର କରେ । ପଲ୍ କାଲିଫର୍ଣ୍ଣିଆର ଯୁବକ, ପଲ୍‌ର ସ୍ତ୍ରୀ ରାଧା । ମେରିଓ ଡା ସିଲଭା ଗୋଆର ଜଣେ ମଟୋର ସାଇକେଲ୍ ଚଢ଼ାଳୀ ଟୁର୍ ଗାଇଡ୍ । ଔପନ୍ୟାସିକ ଉପନ୍ୟାସର ଚରିତ୍ରମାନେ ଶିକ୍ଷିତ ଯୋଗୁଁ ଦାର୍ଶନିକର କଥା କହିଛନ୍ତି । ଯାହା ଜଣେ ସାଧାରଣ ଲୋକଙ୍କ କ୍ଷେତ୍ରରେ ଦେଖାଯାଏ ନାହିଁ ।

ଭ୍ରମଣ ଉପନ୍ୟାସରେ କଥାବସ୍ତୁ, ଚରିତ୍ର ଓ ପରିବେଶକୁ ଭାଷା ହିଁ ଜୀବନ୍ତ କରିଥାଏ । ଔପନ୍ୟାସିକ ଭ୍ରମଣ ଉପନ୍ୟାସରେ ବିଭିନ୍ନ ସ୍ଥାନର ବର୍ଣ୍ଣନା କରିବା ସମୟରେ ସେହି ସେହି ସ୍ଥାନ ମାନଙ୍କରେ ଲୋକମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଭାଷାର ପ୍ରୟୋଗ କରି ଥାଆନ୍ତି । ପାତ୍ରୋଉପଯୋଗୀ ସଂଳାପ ଓ ଓଡ଼ିଆ ଭାଷା ସହିତ ଇଂରାଜୀର ଭାଷାର ବ୍ୟବହାର ଦେଖିବାକୁ ମିଳେ । କେତେକ ସ୍ଥାନରେ ଓଡ଼ିଆ, ଇଂରାଜୀ ଏବଂ ହିନ୍ଦୀମିଶା ଶବ୍ଦର ବ୍ୟବହାର ଅଞ୍ଜନା ଗ୍ରାମର ଲୋକ ଏବଂ ହିପ୍‌ପିମାନଙ୍କ ମଧ୍ୟରେ ହୋଇଥିବା କଥୋପକଥନରୁ ଦେଖିବାକୁ ମିଳେ । "ଅଞ୍ଜନା ଗ୍ରାମର ଲୋକ ପ୍ରଶ୍ନ କରିଥିଲେ- କ୍ୟା ଜରୁରତ୍ ସାହେବ୍ ! ହିପ୍‌ପିଣୀମାନଙ୍କ ଉତ୍ତର ଥିଲା- ରହିବା ପାଇଁ ଘର, a room under the sun. ଠହରନେ କେ ଲିୟେ ମକାନ୍ ।"(ଆଗ୍ନେୟଗିରିରେ ବଣଭୋଜି, ପୃ-୩୧୪-୩୧୫)ଏତଦ୍‌ବ୍ୟତୀତ ତତ୍ସମ ଶବ୍ଦ, ଯୁଗ୍ମ ଶବ୍ଦ, ଆରବିକ ଶବ୍ଦର ବ୍ୟବହାର ମଧ୍ୟ ଦେଖିବାକୁ ମିଳେ ।

ପ୍ରାୟତଃ ଭ୍ରମଣ ଉପନ୍ୟାସ ଆତ୍ମକଥନ ଶୈଳୀରେ ଲିଖିତ । ଏହି ଉପନ୍ୟାସଟି ମଧ୍ୟ ପ୍ରଥମ ପୁରୁଷୀୟ ଶୈଳୀରେ ଲେଖାଯାଇଛି । ଔପନ୍ୟାସିକ ନିଜର ଆବେଗ, ଅନୁଭୂତିକୁ ଭ୍ରମଣ ଉପନ୍ୟାସରେ ମୁଖ୍ୟ ନାୟକ ରୂପେ ବିବେଚିତ କରିଥାନ୍ତି । ତେଣୁ ଏହି ଧରଣର ଉପନ୍ୟାସଗୁଡିକରେ 'ମୁଁ', 'ମୋର', 'ମତେ', ପରି ସର୍ବନାମ ପଦର ବ୍ୟବହାର ଔପନ୍ୟାସିକ କରିଛନ୍ତି । ଏଥିରେ କାହାଣୀ, ଚରିତ୍ରକୁ ଜୀବନ୍ତ ଓ ପରିବେଶକୁ ବାସ୍ତବ କରିବା ପାଇଁ ବର୍ଣ୍ଣନାତ୍ମକ ଶୈଳୀ ଏବଂ ଫ୍ଲାସବ୍ୟାକ୍ ଶୈଳୀର ବ୍ୟବହାର ମଧ୍ୟ କରିଛନ୍ତି ।

ଏହି ଉପନ୍ୟାସରେ ଔପନ୍ୟାସିକ ଗୋଆର ଇତିହାସ, ସମାଜ, ସଂସ୍କୃତି, ଲୋକକଥା, କିମ୍ବଦନ୍ତୀ, ପ୍ରାକୃତିକ ସୌନ୍ଦର୍ଯ୍ୟ ଆଦିକୁ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି । ଯାହାକୁ ପାଠ କରି ଜଣେ ପାଠକ ଆରମ୍ଭରୁ ଶେଷଯାଏଁ ବାନ୍ଧି ହୋଇ ରହିବା ସହିତ ଉଭୟ ଭ୍ରମଣ ଓ ଉପନ୍ୟାସର ସ୍ୱାଦ ମଧ୍ୟ ପାଇଥାଏ । ତେଣୁ ଏହି ଉପନ୍ୟାସଟିକୁ ବିଭୂତି ପଟ୍ଟନାୟକଙ୍କର ଏକ ସଫଳ ଭ୍ରମଣ ଉପନ୍ୟାସ ବୋଲି କହିପାରିବା ।

ଗବେଷକ,
ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ-୩